୍ ପାଠ-୪

# ପରିସୀମା ମାପିବା



ଏକ ଛୋଟିଆ ଜଙ୍ଗଲର ପାଦଦେଶରେ ନରହରିପୁର ଗାଁ । ଜଙ୍ଗଲ ନିକଟ ଗାଁମୁଣ୍ଡ ଗହିର ଭିତରେ ଦୁଇଟି ବଡ଼ ପୋଖରୀ, 'ହୀରା ସାଗର' ଓ 'ମୋତି ସାଗର'। ଜଙ୍ଗଲ ବୁଦା ଭିତରେ ରହୁଥିଲେ ଗୋଟିଏ ଠେକୁଆ ଓ ଗୋଟିଏ କୋକିଶିଆଳ । ସେ ଦୁହେଁ ଭାରି ସାଙ୍ଗ । ପ୍ରତିଦିନ ସକାଳୁ ଠେକୁଆ 'ହୀରା ସାଗର' ଓ କୋକିଶିଆଳ 'ମୋତି ସାଗର' ହୁଡ଼ା ଚାରିପଟେ ଥରେ ଲେଖାଁଏ ବୁଲି ନିଜ ନିଜର ଖାଦ୍ୟ ସଂଗ୍ରହ କରନ୍ତି । ବେଳେବେଳେ ଏକାଠି ହୋଇ ଗପସପ କରନ୍ତି । ଦିନେ କୋକିଶିଆଳ ତା' ସାଙ୍ଗଙ୍କୁ କହିଲା ମୁଁ ପ୍ରତିଦିନ ତୁମ ଅପେକ୍ଷା ଅଧିକ ବାଟ ବୁଲୁଛି । ଠେକୁଆ କହିଲା "ନା, ନା, ମୁଁ ତୁମ ଅପେକ୍ଷା ବେଶି ବାଟ ବୁଲୁଛି ।" କଥା ଛିଣ୍ଡିଲା ନାହିଁ । ତେଣୁ ଠିକ୍ କଥା ଜାଣିବା ପାଇଁ ଦୁହେଁ ମିଶି ଚତୁର ବିଲୁଆନନା ପାଖକୁ ଗଲେ । ବିଲୁଆନନା ବଡ଼ ମାପଫିତାଟିଏ ଧରି କହିଲେ, "ଚାଲ, ଉଭୟ ପୋଖରୀର ହୁଡ଼ାର ଲମ୍ବ ବା ଦୈର୍ଘ୍ୟ ମାପିବା । ଚାରିପଟ ହୁଡ଼ାର ଦୈର୍ଘ୍ୟ ମିଶାଇ ଦେଲେ, ତୁମମାନଙ୍କ ଭିତରୁ କିଏ କେତେ ବାଟ ବୁଲୁଛ ଜଣାପଡ଼ିବ । କିଏ ଅଧିକ ବାଟ ବୁଲୁଛ ଜାଣିବା ।"

ଠେକୁଆ ଓ କୋକିଶିଆଳଙ୍କ ସହାୟତାରେ ପୋଖରୀ ଦୁଇଟିର ହୁଡ଼ାମାନଙ୍କ ଦୈର୍ଘ୍ୟ ମାପ କରି ବିଲୁଆନନା ପ୍ରତି ପୋଖରୀର ହୁଡ଼ାର ଦୈର୍ଘ୍ୟ ହିସାବ କରି ଦେଲେ ।

'ହୀରାସାଗର ପୋଖରୀର ଚାରିପାଖ ହୁଡ଼ା ଦୈର୍ଘ୍ୟର ସମଷ୍ଟି = ୧୩୦ମି. + ୨୮୦ମି. + ୧୨୫ମି. + ୨୯୫ମି.

= ୮୩୦ମି.

ତେଣୁ ଠେକୁଆ ପ୍ରତିଦିନ ୮୩୦ମି. ବୁଲେ ବୋଲି ଜଣାପଡ଼ିଲା ।

'ମୋତିସାଗର' ଚାରିପାଖ ହୁଡ଼ାର ଦୈର୍ଘ୍ୟର ସମଷ୍ଟି = ୧୪୦ମି + ୨୭୫ମି.+ ୧୨୦ମି.+ ୨୬୦ମି.

= ୭୯୫ମି.

ତେଣୁ କୋକିଶିଆଳ,ପ୍ରତିଦିନ ୭୯୫ମି. ବୁଲେ ବୋଲି ଜଣାପଡ଼ିଲା ।

ବିଲୁଆ ନନା ପଚାରିଲା, ''ଏଥର କୁହ, କିଏ ଅଧିକ ବାଟ ବୁଲେ ?''

**ରେଖାଖଣ୍ଡ ମାନଙ୍କ ଦ୍ୱାରା ଆବଦ୍ଧ ଚିତ୍ରର ବାହୁମାନଙ୍କର ଦୈର୍ଘ୍ୟର ସମଷ୍ଟିକୁ ଏହାର ପରିସୀମା କୁହାଯାଏ ।**

ବଡ଼ବଡ଼ କ୍ଷେତ୍ରର ଲମ୍ବ, ଚଉଡ଼ା ମାପିବା ପାଇଁ ଆମେ ମିଟର ଏକକ ବ୍ୟବହାର କରୁ, କିନ୍ତୁ ଛୋଟ କ୍ଷେତ୍ରର ଲମ୍ବ ମାପିବା ବେଳେ, ଆମେ 'ସେଣ୍ଟିମିଟର' ଏକକ ବ୍ୟବହାର କରୁ । ଯଦି ଦୈର୍ଘ୍ୟଗୁଡ଼ିକ 'ମିଟର' ଏକକରେ ଦିଆଯାଇଥାଏ ତେବେ ପରିସୀମାକୁ ମଧ୍ୟ 'ମିଟର' ଏକକରେ ପ୍ରକାଶ କରାଯିବ ।

ଭାବି କହ- ଯଦି ଗୋଟିଏ କ୍ଷେତ୍ରର ଦୁଇଟି ବାହୁ 'ମିଟର' ଏକକରେ ଓ ଅନ୍ୟ ଦୁଇଟି ବାହୁ ସେଣ୍ଟିଟିମିଟର ଏକକରେ ଥାଏ, ତେବେ ପରିସୀମା କେଉଁ ଏକକରେ ଲେଖାଯିବ ?

ତୁମ ପାଇଁ କାମ-

* ଗୋଟିଏ ପୋଷ୍ଟକାର୍ଡ଼ ସଂଗ୍ରହ କର ।
* ପୋଷ୍ଟକାର୍ଡ଼ର ଧାରମାନଙ୍କର ଦୈର୍ଘ୍ୟକୁ ସ୍କେଲ ଦ୍ୱାରା ମାପି ତୁମ ଖାତାରେ ଲେଖ ।
* ଏହାର ଧାରମାନଙ୍କର ଦୈର୍ଘ୍ୟର ସମଷ୍ଟି କେତେ ହେଲା ସ୍ଥିର କର ।
* ପୋଷ୍ଟକାର୍ଡ଼ର ପରିସୀମା କେତେ ପାଇଲ ଲେଖ ।

☞ ତଳ ଚିତ୍ରଗୁଡ଼ିକର ବାହୁଗୁଡ଼ିକର ଦୈର୍ଘ୍ୟ ମାପି ଖାଲିସ୍ଥାନରେ ଲେଖ । ପ୍ରତ୍ୟେକ ଚିତ୍ରର ପରିସୀମା ନିର୍ଣ୍ଣୟ କର ।



ଚିତ୍ର-୧



ଚିତ୍ର-୨



ଚିତ୍ର-୩

ଚିତ୍ର ନଂ. ୧.

କଖ = ....... ସେ.ମି., ଖଗ = ......ସେ.ମି., ଗକ=......ସେ.ମି.        ପରିସୀମା = ...... ସେ.ମି.

ଚିତ୍ର ନଂ ୨. ଚଛ = ....... ସେ.ମି, ଛଜ =....... ସେ.ମି., ଜଝ =..... ସେ.ମି., ଝଚ = ......ସେ.ମି.

ପରିସୀମା =....... ସେ.ମି.

ଚିତ୍ର ନଂ ୩.ଟଠ =.......ସେ.ମି, ଠଡ =.......ସେ.ମି., ଡଢ=......ସେ.ମି., ଢ଼ନ =....ସେ.ମି.,ନଟ=.....ସେ.ମି.

ପରିସୀମା =....... ସେ.ମି. .

## ଆୟତଚିତ୍ର ଓ ବର୍ଗଚିତ୍ରର ପରିସୀମା

ପାର୍ଶ୍ୱରେ ଥିବା ଆୟତଚିତ୍ରର ଲମ୍ବ ଓ ଚଉଡ଼ାକୁ ମାପ ଓ ତଳେ ଲେଖ ।




କଖ = ............, ଖଗ = ............

ଗଘ = ............, ଘକ = ...........

କଖ ଓ ଗଘ ଏବଂ ଖଗ ଓ ଘକ ମଧ୍ୟରେ କ'ଣ ସମ୍ପର୍କ ଥିବାର ଦେଖୁଛ ଲେଖ ।

---

ଲକ୍ଷ୍ୟ କର, କଖ ଓ ଗଘ ପ୍ରତ୍ୟେକ ହେଉଛି ଚଉଡ଼ା, ଖଗ ଓ କଘ ପ୍ରତ୍ୟେକ ହେଉଛି ଲମ୍ବ ।

ପରିସୀମା = ଲମ୍ବ + ଚଉଡ଼ା + ଲମ୍ବ + ଚଉଡ଼ା

= ଲମ୍ବ + ଲମ୍ବ + ଚଉଡ଼ା + ଚଉଡ଼ା

= ୨ଟି ଲମ୍ବ + ୨ଟି ଚଉଡ଼ା

= ୨ x ( ଲମ୍ବ + ଚଉଡ଼ା)

ଏଣୁ ଆମେ ଜାଣିଲେ, **ଆୟତଚିତ୍ରର ପରିସୀମା = ୨ x ( ଲମ୍ବ + ଚଉଡ଼ା)**

ଏହି ସୂତ୍ର ବ୍ୟବହାର କରି ଉପରିସ୍ଥ ଆୟତଚିତ୍ରର ପରିସୀମା ନିର୍ଣ୍ଣୟ କର ।

- ପାର୍ଶ୍ୱରେ ଥିବା ବର୍ଗଚିତ୍ରର ପ୍ରତ୍ୟେକ ବାହୁର ଦୈର୍ଘ୍ୟ ମାପ ଓ ସେଗୁଡ଼ିକୁ ନିମ୍ନରେ ଲେଖ ।

ପଫ = ........ ସେ.ମି.

ଫବ =........ ସେ.ମି.

ବଭ =........ ସେ.ମି.

ଭପ =......... ସେ.ମି.




ଏହାର ବାହୁମାନଙ୍କର ଦୈର୍ଘ୍ୟ ମଧ୍ୟରେ କ'ଣ ସମ୍ପର୍କ ଅଛି ?

ବର୍ଗଚିତ୍ର 'ପଫବଭ'ର ପରିସୀମା = $\overline{\text{ପଫ}}$ + $\overline{\text{ଫବ}}$ + $\overline{\text{ବଭ}}$ + $\overline{\text{ଭପ}}$

= ......... ସେ.ମି. + ......... ସେ.ମି. + ......... ସେ.ମି.+........ସେ.ମି

= ......... ସେ.ମି.

ବର୍ଗଚିତ୍ରର ପରିସୀମା ଓ ଏହାର ବାହୁର ଦୈର୍ଘ୍ୟ ମଧ୍ୟରେ କ'ଣ ସମ୍ପର୍କ ଥିବାର ଦେଖୁଛ ଲେଖ।

_______________________________________________

ଆମେ ଜାଣିଲେ, **ଗୋଟିଏ ବର୍ଗଚିତ୍ରର ପରିସୀମା = ୪ x ଗୋଟିଏ ବାହୁର ଦୈର୍ଘ୍ୟ**

## ଅଭ୍ୟାସ କାର୍ଯ୍ୟ

୧. ଶୂନ୍ୟସ୍ଥାନ ପୂରଣ କର ।

(କ) ରେଖାଖଣ୍ଡମାନଙ୍କ ଦ୍ୱାରା ଆବଦ୍ଧ ଚିତ୍ରର ପରିସୀମା =.................... ଦୈର୍ଘ୍ୟର ସମଷ୍ଟି

(ଖ) ଏକ ଆୟତ ଚିତ୍ରର ପରିସୀମା = ୨ x ( ଲମ୍ବ + .......... )

(ଗ) ଏକ ବର୍ଗଚିତ୍ରର ପରିସୀମା = ............ x ପ୍ରତ୍ୟେକ ବାହୁର ଦୈର୍ଘ୍ୟ

୨. ତଳେ କେତେକ ଚିତ୍ର ଦିଆଯାଇଛି। ପ୍ରତ୍ୟେକ ଚିତ୍ରର ବାହୁଗୁଡ଼ିକର ଦୈର୍ଘ୍ୟ ମାପ ଚିତ୍ର ପାଖରେ ଲେଖାଯାଇଛି। ପ୍ରତ୍ୟେକ ଚିତ୍ରର ପରିସୀମା ନିର୍ଣ୍ଣୟ କର।




୩. ତଳ ଚିତ୍ରଗୁଡ଼ିକର ବାହୁମାନଙ୍କର ଦୈର୍ଘ୍ୟ ମାପି, ପରିସୀମା ନିର୍ଣ୍ଣୟ କର ।



୪. ତୁମ ଜ୍ୟାମିତି ବାକ୍ସର ଉପର ପାଖର ଚାରି ଧାରକୁ ମାପି ତା'ର ପରିସୀମା ସ୍ଥିର କର ।

୫. ତୁମ ଗଣିତ ବହିର ମଲାଟର ଚାରିଧାରକୁ ମାପ ଓ ପରିସୀମା ବାହାର କର ।

୬. ନିମ୍ନରେ ଥିବା ଯେଉଁ ଚିତ୍ରର ପରିସୀମା ତୁମେ ନିର୍ଣ୍ଣୟ କରିପାରିବ ତା' ମଧ୍ୟରେ ଠିକ୍ ଚିହ୍ନ (✓) ଦିଅ ।



୭. ତୁମ ଖାତା ଉପରେ ନିମ୍ନଲିଖିତ ବସ୍ତୁଗୁଡ଼ିକୁ ରଖ ଓ ତା'ର ତଳ ପାଖର ଚାରି ଧାରକୁ ଲଗାଇ ଗାର ଟାଣ । ଯେଉଁ ଚିତ୍ର ପାଇଲ, ସେଗୁଡିକ କି ପ୍ରକାର ଚିତ୍ର ଲେଖ । ପ୍ରତ୍ୟେକ ଚିତ୍ରର ପରିସୀମା ନିର୍ଣ୍ଣୟ କର ।

ଦିଆସିଲି ଖୋଳ, ପେନ୍ସିଲ୍ ବାକ୍ସ, ଲୁଡୁଗୋଟି, ଡଷ୍ଟର୍

୮. ଗୋଟିଏ ଆୟତାକୃତି କୋଠରିର ଚଟାଣର ଦୈର୍ଘ୍ୟ ଓ ପ୍ରସ୍ଥ ଯଥାକ୍ରମେ ୯ମିଟର ଓ ୫ ମିଟର । ଚଟାଣର ପରିସୀମା କେତେ ?

(କ) ଚଟାଣର ପରିସୀମା ବାହାର କରିବାର ସୂତ୍ର କ'ଣ ?

(ଖ) ପରିସୀମାକୁ କେଉଁ ଏକକରେ ପ୍ରକାଶ କରାଯିବ ?

୯. ତୁମ ସ୍କୁଲ ବଗିଚାର ବାହୁମାନଙ୍କର ଦୈର୍ଘ୍ୟ ୨୨ ମିଟର, ୧୩ମିଟର, ୨୦ ମିଟର ଓ ୧୨ ମିଟର । ଏହାର ପରିସୀମା ବାହାର କର ।

୧୦. 


ଗୋଟିଏ ଦଶଟଙ୍କିଆ ନୋଟ୍ ନିଅ । ତା'ର ପରିସୀମା ନିର୍ଣ୍ଣୟ କର । ସେହିପରି ଗୋଟିଏ ଲେଖାଏଁ ଏକ ଟଙ୍କିଆ, ପାଞ୍ଚ ଟଙ୍କିଆ ଓ କୋଡ଼ିଏ ଟଙ୍କିଆ ନୋଟ୍ର ପରିସୀମା ବାହାର କର ।

୧୧. 


ଡାକ ଟିକେଟ୍ର ଚାରୋଟି ବାହୁ ମଧ୍ୟରୁ କେଉଁ ଦୁଇଟିର ଦୈର୍ଘ୍ୟ ମାପିଲେ ଏହାର ପରିସୀମା ନିର୍ଣ୍ଣୟ କରିପାରିବ ?

୧୨. ଏହି ଚିତ୍ରର ପରିସୀମା ନିର୍ଣ୍ଣୟ କର ।




୧୩. 

ଏହାର କେବଳ ଦୁଇଟି ବାହୁର ଦୈର୍ଘ୍ୟ ମାପି ପରିସୀମା ବାହାର କର ।